# ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି

ଗୁଣପୁର,୫ା୪(ସୁଜାତା ପାଢ଼ୀ)



ବୈଠକରେ ଉପସ୍ଥିତ ବଂଶଧାରା ସୁରକ୍ଷା ସମିତିର ସଦସ୍ୟମାନେ ।

**ଟ୍ରିବ୍ୟୁନାଲ ରାୟ ପରେ ବଂଶଧାରା ସୁରକ୍ଷା ସମିତିର ଜରୁରୀ ବୈଠକ**

ବଂଶଧାରା ଟ୍ରିବ୍ୟୁନାଲ ଚୂଡ଼ାନ୍ତ ରାୟ ପରେ ରବିବାର ବଂଶଧାରା ସୁରକ୍ଷା ସମିତିର ଏକ ଜରୁରୀ ବୈଠକ ଗୁଣପୁରର ବରିଷ୍ଠ ଆଇନଜୀବୀ ତଥା ବଂଶଧାରା ସୁରକ୍ଷା ପରିଷଦ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଲିମା, ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ୱାଇ. ଗଣପତି, ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାସ, ସଦସ୍ୟ ଉମା ଶଙ୍କର ଦାସ, ଆଇନଜୀବୀ ରାଜ କିଶୋର ଦାସ, ପ୍ରବୀଣ ପଟନାୟକ, ଏସ୍. ଶିବାଜୀ ପ୍ରମୁଖ ଯୋଗ ଦେଇ ଏହି ପ୍ରକଳ୍ପ ନିର୍ମାଣକୁ ବିରୋଧ କରିବା ସହ ବଂଶଧାରା ଉପର ମୁଣ୍ଡରେ ଆନିକଟ ନିର୍ମାଣ ପାଇଁ ଆଲୋଚନା ବେଳେ ଦାବି ଉଠିଥିଲା । ଟ୍ରିବ୍ୟୁନାଲ ରାୟ ପ୍ରକାରେ ୫୦ ଭାଗ ଜଳ ସୁବିନିଯୋଗ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ପାଇଁ ବୈଠକର ସ୍ଥିର ହୋଇଥିଲା । ଏଥିସହ ସୋମବାର ଗୁଣୁପୁର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶରେ ମଧ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହି ପ୍ରକଳ୍ପ ପାଇଁ ରାୟଗଡ଼ା ଜିଲା ଭାଜପା ନେତା ନାରାୟଣ ରାଓ ଏବଂ ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରକାଶ ଥାଉକି ନେରେଡି ଫେଜ-୨ ପ୍ରକଳ୍ପ ନିର୍ମାଣ ହେଲେ ବଂଶଧାରା ଅବବାହିକା ଉପର ମୁଣ୍ଡରେ ବର୍ଷା ଦିନରେ ଜଳମଗ୍ନ ହେବା ସହ ଗ୍ରୀଷ୍ମ ଦିନରେ ଜଳ ଶୁଷ୍କ ହେବାର ଆଶଙ୍କା ରହିଛି । ଏଥି ସହ ୧୦୬ ଏକର ଜମି ଓଡ଼ିଶା ହରାଇବା ନେଇ ସୁନିଶ୍ଚିତ ହୋଇଛି । ଏହାକୁ ପ୍ରତିହିତ କରିବାକୁ ହେଲେ ଉପର ମୁଣ୍ଡରେ ଓଡିଶା ସରକାର ତୁରନ୍ତ ପ୍ରକଳ୍ପ ନିର୍ମାଣ କରି ଆନ୍ଧ୍ରକୁ ଦୃଢ଼ ଜବାବ ଦିଅନ୍ତୁ ବୋଲି ମତ ପ୍ରକାଶ ପାଉଛି । ଉମା ଶଙ୍କର ଦାସ ଧନ୍ୟବାଦ ଦେଇଥିଲେ ।

# ଫାଇନାଲରେ ଥଣ୍ଡର ଟାଇଟନ୍ସ ଚାମ୍ପିୟନ



ଅତିଥିଙ୍କ ସହ ବିଜେତା ଦଳ ।

ଗୁଣୁପୁର,୫ା୪(ସଂକେତ ପାତ୍ର)

**ରେଙ୍ଗୋଳା ପଦର ଓ ବିଜେପୁର ପ୍ରିମିୟର ଲିଗ**

ରେଙ୍ଗୋଳାପଦର ଏବଂ ବିଜେପୁର ପ୍ରିମିୟର ଲଗ୍ ଉଦଯାପନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଫାଇନାଲରେ ଥଣ୍ଡର ଟାଇଟନ୍ସ ଦଳ ଆଡିଲେଡ୍ ଦଳ ମଧ୍ୟରେ ମୁକାବିଲା ହୋଇଥିଲା । ଥଣ୍ଡର ଟାଇଟନ୍ସ ଦଳ ଆଡିଲେଡ୍ ଷ୍ଟ୍ରାଇକରକୁ ହରାଇ ଚାମ୍ପିୟନ ହୋଇଥିଲା । ଆଡିଲେଡ୍ ଷ୍ଟ୍ରାଇକର ରନର୍ସ ଅପ୍ ହୋଇଥିଲା । ଗୁଣୁପୁର ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଅତିଥି ରୂପେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ । ବିଜେତା ଦଳକୁ ୨୨ହଜାର ଟଙ୍କାର ଚେକ୍ ଓ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ଉପବିଜେତା ଆଡିଲେଡ୍ ଷ୍ଟ୍ରାଇକରକୁ ୧୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୁଣୁପୁର ପୌର ଉପାଧ୍ୟକ୍ଷ ଗୌଡ, ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ଓ ଲ୍ୟାମ୍ପ ସଭାପତି କୁଞ୍ଜ ବିହାରୀ ଶବର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ସ୍ୱାସ୍ଥ୍ୟଠାରୁ ଦୁର୍ଲଭ ବସ୍ତୁ କିଛି ନାହିଁ

ପଦ୍ମପୁର,୫ା୪ (ପ୍ରଶାନ୍ତ କୁମାର କର)

**ଅଭ୍ୟାସ ଟେକ୍ନୋ ସ୍କୁଲ ପ୍ରତିଷ୍ଠା ଦିବସ**

ଉତ୍ତମ ଭବିଷ୍ୟତ ଗଠନ ପାଇଁ ଶିକ୍ଷା ସହ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ସମସ୍ତଙ୍କ କର୍ତ୍ତବ୍ୟ । ସ୍ୱାସ୍ଥ୍ୟଠାରୁ ଦୁର୍ଲଭ ବସ୍ତୁ କିଛି ନାହିଁ ବୋଲି ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ ମତବ୍ୟକ୍ତ କରିଛନ୍ତି । ରାୟଗଡା ଜିଲା ପଦ୍ମପୁରସ୍ଥିତ ଅଭ୍ୟାସ ଟେକ୍ନୋ




ସ୍କୁଲର ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ଅବସରରେ ଅତିଥି ରୂପେ ଯୋଗଦେଇ ସେ ଏହା କହିଛନ୍ତି । ମୁଖ୍ୟବକ୍ତା ରୂପେ ଗୁଣୁପୁର ଗାୟତ୍ରୀ ଶିକ୍ଷା ଅନୁଷ୍ଠାନର ଅକ୍ଷୟ ଦାସ ଓ ସମ୍ମାନିତ ଅତିଥି ରୂପେ ବିଇଓ ଋଷିକେଶ ରଥ ଯୋଗ ଦେଇଥିଲେ । ଏହି ଶିକ୍ଷାନୁଷ୍ଠାନ ସମାଜ ସେବାକୁ ପ୍ରାଧାନ୍ୟ ଦେଇ ପ୍ରତ୍ୟେକ ବର୍ଷ ବାର୍ଷିକ ଉତ୍ସବ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ କରିଥାଏ । ଚଳିତ ବର୍ଷ ମଧ ଶିକ୍ଷାନୁଷ୍ଠାନ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିଥିଲା । ବିଶାଖାପଟନମ୍‌ରୁ ୩ ଜଣ ବିଶେଷଜ୍ଞ ଡାକ୍ତର ଏବଂ ୨ ଜଣ ଏମ୍‌ବିବିଏସ୍ ଡାକ୍ତର ସହ ୮ ଜଣ ସହଯୋଗୀ ଶିବିରରେ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲା । ଲୋକଙ୍କ ରକ୍ତଚାପ, ଡାଇବେଟିସ ପରୀକ୍ଷା କରି ଔଷଧ ପ୍ରଦାନ କରାଯାଇଥିଲା । ବାର୍ଷିକ ଉତ୍ସବ ଅବସରରେ ସକାଳ ୬ଟାରେ ପଦ୍ମପୁର ସୁନାରିଘାଇ ଛକସ୍ଥିତ ଗ୍ରାମଦେବୀଙ୍କଠାରୁ ଆଜ୍ଞାମାଳ ନେଇ ସହର ପରିକ୍ରମା ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଥିଲା । ସନ୍ଧ୍ୟାରେ ସ୍କୁଲ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଛାତ୍ରୀମାନଙ୍କ ପିରାମିଡ଼ ଏବଂ ପୁଅମାନଙ୍କ ଆକ୍ରୋବେଟିକ୍ ଶୋ ଆକର୍ଷଣୀୟ ହୋଇଥିଲା ।

# ଡଙ୍ଗରିଆଙ୍କ ବିରୋଧ, ନ ଛାଡିଲେ ଆନ୍ଦୋଳନ ଚେତାବନୀ


ଏକାଠି ହୋଇଥିବା ଡଙ୍ଗରିଆମାନେ ।

କଲ୍ୟାଣସିଂହପୁର, ୫ା୪(ଦୀପକ କୁମାର ପରିଡା)

**ଲିଙ୍ଗରାଜ ଆଜାଦଙ୍କୁ ପୋଲିସ ଉଠାଇ ନେବା ଘଟଣା**

ଲିଙ୍ଗରାଜ ଆଜାଦଙ୍କୁ ପୋଲିସ ଉଠାଇ ନେଇଛି । ଫଳରେ ଏହାକୁ ବିରୋଧ କରି ପୁଣି ଏକାଠି ହୋଇଛନ୍ତି ନିୟମଗିରିରେ ବସବାସ କରୁଥିବା ଡଙ୍ଗରିଆ । ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସଲୀ ପଞ୍ଚାୟତଠାରେ ରବିବାର ନିୟମଗିରି ସୁରକ୍ଷା ସମିତି ଏକ ଖବରଦାତା ସମିଳନୀ କରି ପୋଲିସର ଏପରି କାର୍ଯ୍ୟକୁ ବିରୋଧ କରିଛି । ଗତ ୨୫ା୩ା୨୬ରେ ଲିଙ୍ଗରାଜଙ୍କୁ ଭବାନୀପାଟଣାସ୍ଥିତ ତାଙ୍କ ନିଜ ଘରୁ ପୋଲିସ ଉଠାଇ ନେଇଛି । ବିନା କାରଣରେ କାହିଁକି ତାଙ୍କୁ ପୋଲିସ ଉଠାଇ ନେଇଛି ବୋଲି ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକ୍‌କା ପ୍ରଶ୍ନ ଉଠାଇଛନ୍ତି । ସରକାର ସେମାନଙ୍କଠାରୁ ଜଳ, ଜମି ଓ ଜଙ୍ଗଲକୁ ଛଡାଇ ନେବାକୁ ଚେଷ୍ଟା କରୁଥିବା ଆରୋପ କରି ଏହା ସମ୍ବିଧାନ ବିରୋଧୀ କହି ସେ ରାଜ୍ୟ ସରକାର ଉପରେ ବର୍ଷିଥିଲେ । ଏହି ମିଥ୍ୟା ଅଭିଯୋଗ ତାଙ୍କ ଉପରୁ ପ୍ରତ୍ୟାହାର କରି ତାଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ସମିତି ଦାବି କରିଛି ।

ଯଦି ପୋଲିସ ଲିଙ୍ଗରାଜଙ୍କୁ ନ ଛାଡେ ତାହା ହେଲେ ଆମେ ଆଗାମୀ ଏପ୍ରିଲ ୮ରେ ଭବାନୀପାଟଣାଠାରେ ଜୋରଦାର ଆନ୍ଦୋଳନ କରିବୁ ବୋଲି ଉପସ୍ଥିତ ଆଦିବାସୀ ନେତାଙ୍କ ସମେତ ଡଙ୍ଗରିଆମାନେ ଚେତାବନୀ ଦେଇଛନ୍ତି । ନିୟମଗିରି ସୁରକ୍ଷା ସମିତି ସଭାପତି ସିକ୍‌କାଙ୍କ ସହ ଦଦି ସିକକା, ଡ୍ରିକା କାଡ୍ରାକା, ସନ୍ଧ୍ୟା ହୁଇକାଙ୍କ ସହବହୁ ଡଙ୍ଗରିଆ ଉପସ୍ଥିତ ଥିଲେ ।

# ରାମନାଗୁଡ଼ା ତହସିଲର ଜନଗଣନା ତାଲିମ ଶିବିର ଉଦ୍‌ଯାପିତ

ଗୁଣପୁର,୫ା୪(ସୁଜାତା ପାଢ଼ୀ)


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

ରବିବାର ଥିଲା ଜନଗଣନା ତାଲିମର ଅନ୍ତିମ ଦିବସ । ରାମନାଗୁଡ଼ା ତହସିଲରେ ଏହି କାର୍ଯ୍ୟକ୍ରମ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିଲା । ରାମନାଗୁଡ଼ା ପିଏମଶ୍ରୀ ହାଇସ୍କୁଲରେ ୪ ପର୍ଯ୍ୟାୟ ବ୍ୟାପୀ ଜନଗଣନା ତାଲିମ କାର୍ଯ୍ୟକ୍ରମରେ ୧୬୦ ଜଣ ଜନ ଗଣନା ଅଧିକାରୀ ଓ ୨୨ ଜଣ ଜନଗଣନା ନିରୀକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଏହି ତାଲିମ ଶିବିରକୁ ରାମନାଗୁଡ଼ା ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅଥିତି ଭାବେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଦୀପାରାଣୀ ବେହେରା, ବିଇଓ ସୃଜନ ମଲ୍ଲିକ, ପ୍ରଧାନ ଶିକ୍ଷକ ଶଶାଙ୍କ ପ୍ରସାଦ ଦାଶ, ରାଜସ୍ୱ ପର୍ଯ୍ୟବେକ୍ଷକ ଶିବାନନ୍ଦ ଦାସ ଯୋଗଦେଇ ସୁଚାରୁ ରୂପେ ଡିଜିଟାଲ ଘର ଗଣନା କାର୍ଯ୍ୟକ୍ରମ ରେ ନିର୍ଭୁଲ ତଥ୍ୟ ଗ୍ରହଣ କରି ସମ୍ପାଦନା କରିବା ସହ ୩୩ ସୂତ୍ରୀ ପ୍ରଶ୍ନ ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ । ଏପ୍ରିଲ ୧୬ରୁ ପ୍ରଥମ ପର୍ଯ୍ୟାୟ ଡିଜିଟାଲ ଘର ଗଣନା କାର୍ଯ୍ୟକ୍ରମ ଆରମ୍ଭ ହେବ । କ୍ଷେତ୍ର ତାଲିମ ଅଧିକାରୀ ଭାବେ ରମେଶ ମିଶ୍ର ଓ ଭୈରବ ରଥ ଯୋଗଦେଇ ଜନଗଣନା ଅଧିକାରୀ ଓ ନିରୀକ୍ଷକ ମାନଙ୍କୁ ପ୍ରତ୍ୟେକ ପର୍ଯ୍ୟାୟରେ ତାଲିମ ପ୍ରଦାନ କରି ଜନଗଣନା ଏକ ଜାତୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଉତ୍ତରଦାୟୀ ଭାବେ ସମ୍ପାଦନା କରିବାକୁ ପରାମର୍ଶ ଦେଇଥିଲେ । ସମସ୍ତ ତାମିଲରେ ଭାଗ ନେଇଥିବା ଅଧିକାରୀମାନଙ୍କୁ ସର୍ଭେର ତଥ୍ୟକୁ ଗୁପ୍ତ ରଖିବାକୁ ତହସିଲଦାର ପ୍ରାଣ କୃଷ୍ଣ ପାଣିଗ୍ରାହୀ ଶପଥ କରାଇଥିଲେ । ସେ ସମସ୍ତ ଜନସାଧାରଣଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମରେ ସାମିଲ ହୋଇ ସ୍ୱୟଂ ଗଣନା ପ୍ରକ୍ରିୟାରେ ଭାଗ ନେବା ସହ ଜନଗଣନା ଅଧିକାରୀଙ୍କୁ ତଥ୍ୟ ପ୍ରଦାନରେ ସହଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ବିଇଓ ସୃଜନ ମଲିକ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ତାଲିମ ଶିବିରକୁ ପ୍ରଧାନଶିକ୍ଷକ ଗୌରୀ ଶଙ୍କର ପଣ୍ଡା, ଅଶ୍ୱିନୀ ତ୍ରିପାଠୀ, କେଦାର ସାହୁ ଓ କିଷାନ କୁମାର ପଣ୍ଡୁସାହୁ ପରିଚାଳନା କରିଥିଲେ ।

# ଉଦ୍‌ଘାଟନୀ ମ୍ୟାଚ ଜିତିଲା କୁମାରଗୁଡା

କଲ୍ୟାଣସିଂହପୁର, ୫ା୪(ଦୀପକ କୁମାର ପରିଡା)

**ଜିଲୁଣ୍ଡାରେ ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ**

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଜିଲୁଣ୍ଡା (ନୀଳକଣ୍ଠେଶ୍ୱର) କ୍ରିକେଟ ଗ୍ରାଉଣ୍ଡରେ ନୀଳକଣ୍ଠେଶର ରେଡଟେନିସ ବୋଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି । ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଥିବା ବେଳେ ପ୍ରତ୍ୟେକ ମ୍ୟାଚ ୧୨ ଓଭର ଖେଳାଯାଉଛି । ଉଦ୍‌ଘାଟନୀ ମ୍ୟାଚ କୁମାରଗୁଡା ଓ ବନ୍ଧୁଗୁଡା ମଧ୍ୟରେ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି କୁମାରଗୁଡା ୧୩୦ ରଂନ ସଂଗ୍ରହ କରିଥିଲା । ପରେ ବନ୍ଧୁଗୁଡା ୧୩୦ ରନ୍‌ର ପିଛା କରି ମାତ୍ର ୭୯ ରନ୍ କରି ଅଲଆଉଟ ହେଇ ଯାଇଥିଲା । ଫଳରେ କୁମାରଗୁଡା ଉଦ୍‌ଘାଟନୀ ମ୍ୟାଚ ଜିତିଥିଲା । ଏହି ଦଳର ସଞ୍ଜୟ ହୁଇକା ୩୦ ବଲରେ ୭୨ ରନ ସଂଗ୍ରହ କରିଥିବାରୁ ମ୍ୟାନ ଅଫ ମ୍ୟାଚ ବିବେଚିତ ହୋଇଥିଲେ । ମୁଖ୍ୟ ଅମ୍ପାୟାର ଭାବେ କଣ୍ଟୁ ଦଣ୍ଡାସୀ ଓ ସରୋଜ ନନ୍ଦ ଦାୟିତ୍ୱ ତୁଲାଇଥିଲେ । ସ୍କୋରର ଭାବେ ଆଦିତ୍ୟ ନାରାୟଣ ଦାଶ ଥିଲେ । ମାଝୀଗୁଡା ଭାଜପା ମଣ୍ଡଳ ସଭାପତି ଅନିଲ କୁମାର ଜାଡି ଓ ସନ୍ତୋଷ ତ୍ରିପାଠୀଙ୍କ ସହଯୋଗରେ ହେଉଥିବା ଏହି କ୍ରିକେଟ ଟୁର୍ନାମେଣ୍ଟରେ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତା ବ୍ରଜ ସୁନ୍ଦର ରଥ ମୁଖ୍ୟ ଅତିଥି , ସୀମାଞ୍ଚଳ ନାଡିମିନ୍ତି, ହରିହର ମିଶ୍ର, ପ୍ରଭାକର ଦାସ, ସରୋଜ ନନ୍ଦ, ନିରଞ୍ଜନ ତ୍ରିପାଠୀ ଓ କଣ୍ଟୁ ଦଣ୍ଡାସି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ଆଇନ ସଚେତନତା ଶିବିର

ଗୁଣପୁର,୫ା୪( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକର ଭିଡିଓ କନଫରେନ୍ସ ହଲରେ ରବିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ । ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଲିମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିରିକ୍ତ ଜିଲା ଜଜ ଦେବଦତ୍ତ ପଟ୍ଟନାୟକ ସଭାପତିତ୍ୱ କରି ଯୌତୁକ ନିଷେଧ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ । ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଜୟଲକ୍ଷ୍ମୀ ମହାପାତ୍ର ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଥିବା ଆଇନ ଯଥା ଏଫଆଇଆର୍, ସମନ, ୱାରେଣ୍ଟ ପ୍ରକ୍ରିୟା ଉପରେ କହିଥିଲେ । ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ ବାଲ୍ୟ ବିବାହ ତଥା ସରକାରଙ୍କ ଜନ ହିତକାରୀ ସେବା ସଂପର୍କରେ ଅବଗତ କରାଇଥିଲେ । ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ମୃତ ବ୍ୟକ୍ତିଙ୍କ ପଟ୍ଟା କିପରି ଉତ୍ତରାଧିକାରୀମାନେ ନିଜ ନାମରେ କରିପାରିବେ ସେନେଇ ବୁଝାଇଥିଲେ । ବିଇଓ ସୃଜନ ମଲ୍ଲିକ ଶିକ୍ଷା ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ତହସିଲଦାର ଦୀପାରାଣୀ ବେହେରା, ଓକିଲ ଭାଗିରଥୀ ବାଙ୍ଗାରି , ପ୍ରଶାନ୍ତ ପଟ୍ଟନାୟକ, ମିହିର ପଟ୍ଟନାୟକ, କୋଷାଧ୍ୟକ୍ଷ ଲକ୍ଷ୍ମୀ ମହାକୁଡ଼, ସୁସନ୍ଧ୍ୟା ସାହୁ, ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ସୁରଜ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।



ଗୁଣପୁର ଏଡିଜେ ମାର୍ଗଦର୍ଶନ କରୁଛନ୍ତି ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼




ରାୟଗଡ଼ା,୫ା୪(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାର ସ୍ଥାନୀୟ କାଳୀ ମନ୍ଦିର ଛକଠାରୁ ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଜିଲା କ୍ରୀଡ଼ା ଅଧିକାରୀ ଶେଖ ଅଲେନୁରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଗଣ ଦୌଡ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧକାରୀ ବିଜୟ କୁମାର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ । ଗଣଦୌଡ କାଳୀ ମନ୍ଦିର ଛକଠାରୁ ଆରମ୍ଭ ହୋଇ ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ହୋଇଥିଲା । ଏଥିରେ ସହରର ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଓ ଅନ୍ୟମାନେ ସାମିଲ ହୋଇଥିଲେ ।

# ଭାରତୀୟ ମଜଦୁର ସଂଘ ବ୍ଲକସ୍ତରୀୟ ବୈଠକ

ମୁନିଗୁଡ଼ା,୫ା୪
(ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ମୁନିଖୋଲସ୍ଥିତ କନିକା ପରମେଶ୍ୱରୀ ମନ୍ଦିର ପରିସରରେ ଭାରତୀୟ ମଜଦୂର ସଂଘର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏହି ଅବସରରେ ନୂତନ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି । ଭାରତୀୟ ମଜଦୂର ସଂଘର ଜିଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ମୁଖ୍ୟ ଅତିଥିଭାବେ ଆର୍‌ଏସ୍‌ଏସ୍‌ର ଜିଲା କୁଟୁମ୍ବ ପ୍ରାବଧାନ ପ୍ରମୁଖ ରାମକୃଷ୍ଣ ପାଣିଗ୍ରାହୀ, ମୁଖ୍ୟବକ୍ତା ବିଏମ୍‌ଏସ୍ ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ଅନ୍ୟତମ ବକ୍ତା ରୂପେ ବରିଷ୍ଠ ଖବରଦାତା ମନୋରଞ୍ଜନ ଦଳାଇ, ସମ୍ମାନିତ ଅତିଥି ବିଏମ୍‌ଏସ୍ ଜିଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, ଉପ ସଭାପତି ଦୁର୍ଗା ମାଧବ ଘୋଷ, ଶ୍ରମିକ ନେତା ନିରଞ୍ଜନ ସେନାପତି, ଗୀତାଞ୍ଜଳି ହିଆଲ, ତମାଲ ସାହୁକାର, ଅଙ୍ଗନୱାଡ଼ି କର୍ମୀ ବ୍ଲକ ସଭାପତି ଜ୍ୟୋତ୍ସ୍ନାରାଣୀ ସାହୁ, ମହିଳା ସଂଗଠିକା ଅମ୍ବିକା ନାୟକ ଉପସ୍ଥିତ ଥିଲେ । ପରେ ଭାରତୀୟ ମଜଦୁର ସଂଘ ଗଠନର ମୂଳ ଉଦେଶ୍ୟ, ଏହାର ଆଭିମୁଖ୍ୟ ଓ ଶ୍ରମିକ ହିତ ପାଇଁ ନୀତି ଏବଂ କାର୍ଯ୍ୟପନ୍ଥା ଉପରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ଶ୍ରମିକ ସଂଘ,ଅଙ୍ଗନୱାଡ଼ି ସଂଘ, ପାଚିକା ସଂଘ, ସିଆର୍‌ପି ସଂଘ କର୍ମକର୍ତ୍ତା ଓ ଖବରଦାତାଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା । ପରେ ସର୍ବସମ୍ମତି କ୍ରମେ ନୂତନ କାର୍ଯ୍ୟକାରୀ କମିଟି ଗଠନ ହୋଇଥିଲା । ବ୍ଲକ ସଭାପତି ଭାବେ ମୁନିଗୁଡାର ଶ୍ରମିକ ନେତା କ୍ଷମାସାଗର ଦାସ, ଉପ ସଭାପତି ଅନି ମହାନ୍ତି ଓ ସୁରେନ୍ଦ୍ର ଗୌଡ଼, ସମ୍ପାଦକ ଭାବେ ସୀମାଞ୍ଚଳ ମିଶ୍ର, ସହ ସମ୍ପାଦକ ସମଲେଶ୍ୱରୀ ସେନାପତି ଓ ମାମିନା ପଲକିୟା ଏବଂ କୋଷାଧ୍ୟକ୍ଷ ଭାବେ ସୁନିତା ମିଶ୍ରଙ୍କୁ ଚୟନ କରାଯାଇଥିଲା । ୭ଜଣ କାର୍ଯ୍ୟକାରୀ ସଦସ୍ୟ ରୂପେ ମନୋନୀତ ହୋଇଥିଲେ ।



ବୈଠକରେ ମଜଦୁର ସଂଘର ସଦସ୍ୟମାନେ ।

# କାମ ଅଭାବରୁ ବାହାର ରାଜ୍ୟକୁ ଛୁଟୁଛି ଦାଦନ ସୁଅ

**ଜିଲାରେ ରହିଛି ଅନେକ କମ୍ପାନୀ, ମିଳୁନି କାମ**

ରାୟଗଡ଼ା,୫ା୪(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ଜିଲାରେ ବହୁ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନ ରହିଥିଲେ ମଧ ଜିଲାରେ କାମ ଅଭାବ ସାଙ୍ଗକୁ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ । ଫଳରେ ଲୋକେ କାମଧନ୍ଦା ପାଇଁ ଗାଁ ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟି ଯାଉଥିବା ଦେଖିବାକୁ ମିଳୁଛି । ଦାଦନ ଖଟିବାକୁ ଦକ୍ଷିଣ ଭାରତକୁ ଟ୍ରେନ ଯୋଗେ ଯାଇ ସେଠାରେ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ କାରଖାନା ଓ କ୍ଷୁଦ୍ର ଶିଳ୍ପମାନଙ୍କରେ କାମ କରୁଛନ୍ତି । ନିଜ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିଶ୍ଚିତ ନିଯୁକ୍ତି ରହିଥିଲେ ସୁଦ୍ଧା ଆର୍ଥିକ ବ୍ୟବସ୍ଥା ପ୍ରର୍ଯ୍ୟାପ୍ତ ନ ଥିବାରୁ ସେମାନେ ବର୍ଷସାରା ପରିବାର ଚଳାଇବା କଷ୍ଟକର ହେଉଛି । ପରିବାର ଭରଣପୋଷଣ, ପିଲାଙ୍କ ପାଠପଢ଼ା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା ସମ୍ଭବ ହେଉନାହିଁ । ଫଳରେ ସେମାନେ ଦାଦନ ଖଟି ବାହାର ରାଜ୍ୟକୁ ଯିବାପାଇଁ ବାଧ୍ୟ ହେଉଛନ୍ତି । କାଶୀପୁର ବ୍ଲକରେ ବକ୍ସାଇଟ ଭଳି ମୂଲ୍ୟବାନ ଖଣିଜ ସମ୍ପଦ ରହିଛି । ଏଠାରେ ଏହାର ଉତ୍ତୋଳନ ଓ ବିଶୋଧନ କାରଖାନା ମଧ ଅଛି । ତଥାପି ସ୍ଥାୟୀ ନିଯୁକ୍ତି ଅଭାବରୁ ଏହି ବ୍ଲକର ସର୍ବାଧିକ ଲୋକେ ଦାଦନ ଖଟିବାକୁ ଯାଉଛନ୍ତି । ରବିବାର କାଶୀପୁର ବ୍ଲକ ବାହାରଦୁଲୁକି ଓ ଭିତରଦୁଲୁକି ଗାଁର ୭ ଜଣ ଶ୍ରମିକ ସପରିବାର କେରଳର ଚାଲାକୁଡି ସହରକୁ ଯାଇଛନ୍ତି । ସେହିଭଳି କଲ୍ୟାଣସିଂହପୁର, ଚନ୍ଦ୍ରପୁର ଓ ଗୁଡାରି ବ୍ଲକରୁ ସର୍ବାଧିକ ଶ୍ରମିକ ଚାଲାଣ ହେଉଛନ୍ତି । ସେମାନେ ରାୟଗଡା ଆସି ବସ୍ ଓ ରେଳ ଯୋଗେ ବିଜୟନଗରମ ଯାଇ ସେଠାରୁ ସିଧା କେରଳର ତ୍ରିଶୂର, ତିରୁଅନନ୍ତପୁରମ୍, କୋଚି, ପୋନାନି, ତିର୍ରୁ, ଚାଲାକୁଡି, ଆଲଫୁଜା ସହରକୁ ଯାଉଛନ୍ତି । ସେହିଭଳି ଆନ୍ଧ୍ରପ୍ରଦେଶ ରାଜ୍ୟର ବିଜୟନଗରମ, ବିଶାଖାପାଟଣା, ବିଜୟୱାଡା, କାକିନାଡା, ଗୋଦାବରୀ ସମେତ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦ, ସିକନ୍ଦରାବାଦ ଭଳି ସହରକୁ ଲୋକେ ଯାଉଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଶ୍ରମ ଆୟୁକ୍ତ ସୁବାସ ମଣ୍ଡଳଙ୍କୁ ପଚାରିବାରୁ ସେ କହିଲେ, ଯେଉଁଠାରୁ ଅଭିଯୋଗ ଆସୁଛି ସେଠାରେ ବିଭାଗ ପହଞ୍ଚି ଉଦ୍ଧାର କରୁଛି । ଅନେକ ଶ୍ରମିକ ବିଭାଗକୁ ସୂଚନା ନ ଦେଇ ରାଜ୍ୟ ବାହାରକୁ ଯାଉଥିବାରୁ ଆବଶ୍ୟକ ସମୟରେ ସମସ୍ୟା ସୃଷ୍ଟି ହେଉଛି । ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନଙ୍କୁ ନାମ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଛି । ଏଥିପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ସହ ଏଥିପାଇଁ ଅନୁଦାନ ମଧ ରହିଥିବା ସେ ସୂଚନା ଦେଇଛନ୍ତି । ଜିଲାରେ ରହିଥିବା କମ୍ପାନୀଗୁଡିକରେ ଜିଲାର ଲୋକଙ୍କୁ ଯୋଗ୍ୟତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି ଦେଲେ ଏହିଭଳି ସମସ୍ୟା ହ୍ରାସ ପାଆନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ବାଟବଣା

## କାଗଜରେ ଯୋଜନା ଚାଲିଥିବା ଦର୍ଶାଇ ଅର୍ଥ ହଡପ ଉଦ୍ୟମ

ନବରଙ୍ଗପୁର,୫।୪(ସଦାଶିବ ପ୍ରହରାଜ)

ରାଜ୍ୟରେ ବାଳିକାମାନଙ୍କ ସୁରକ୍ଷା ଓ ସ୍ୱାଭିମାନ ବୃଦ୍ଧି ପାଇଁ ଆରମ୍ଭ ହୋଇଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଯୋଜନା ଏବେ ବାଟବଣା ହୋଇଛି। ଯେଉଁଠାରେ ଛାତ୍ରୀମାନେ ଆତ୍ମରକ୍ଷା ଶିଖି ନିଜକୁ ସୁରକ୍ଷିତ କରିବାକୁ ଥିଲେ, ସେଠାରେ ପ୍ରଶିକ୍ଷଣ ବିନା ବିଲ୍ ଉଠାଇବା ପାଇଁ ଚାଲିଛି ମସୁଧା। ଏଭଳି ଏକ ସଙ୍ଗୀନ ଅଭିଯୋଗ ଉଠିଛି ନବରଙ୍ଗପୁର ଜିଲାରେ।

ନବରଙ୍ଗପୁର ଜିଲାରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପାଇଁ 'ସ୍କିଲ ଟ୍ରି'ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଅନୁମତି ମିଳିଥିଲା। ଏନେଇ ଜାନୁୟାରୀ ମାସରେ ବିଦ୍ୟାଳୟଗୁଡିକରେ ପ୍ରଶିକ୍ଷଣ କରାଯିବ ବୋଲି ସମଗ୍ର ଶିକ୍ଷା ବିଭାଗ ବିଦ୍ୟାଳୟଗୁଡିକୁ ଚିଠି କରିଥିଲା। ୩୦ଟି ପ୍ରଶିକ୍ଷଣ କ୍ଲାସ ୧ ଘଣ୍ଟା ଲେଖାଏ ହେବ ବୋଲି ବିଦ୍ୟାଳୟମାନଙ୍କୁ ପ୍ରଦତ୍ତ ଚିଠିରେ କୁହାଯାଇଥିଲା। ଏହି ପ୍ରଶିକ୍ଷଣ ୯ମ ଓ ୧୦ ଶ୍ରେଣୀ ଛାତ୍ରୀମାନେ ପାଇଥାନ୍ତେ । ମାଟ୍ରିକ ପରୀକ୍ଷା ପରେ ଦଶମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟ ଛାଡ଼ିଲେଣି। ବାର୍ଷିକ ପରୀକ୍ଷା ପରେ ଶିକ୍ଷାବର୍ଷ ଶେଷ ହୋଇଛି। ଏବେ ନାମଲେଖା ଆରମ୍ଭ ହୋଇ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ନବମ ଓ ଦଶମ ଶ୍ରେଣୀରେ ପାଠ ପଢିଲେଣି। ଶିକ୍ଷାବର୍ଷ ସରି ନୂତନ ଶିକ୍ଷାବର୍ଷ ଆରମ୍ଭ ହେଥିବା ସତ୍ତ୍ୱେ ପୂର୍ବରୁ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପାଇବାକୁ ଥିବା ଛାତ୍ରୀମାନେ ଆଉ ପ୍ରଶିକ୍ଷଣ ପାଇପାରିଲେ ନାହିଁ।

ଅନ୍ୟପକ୍ଷରେ ଜିଲାର ୨୦୨ ଉଚ୍ଚ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲମାନଙ୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇ ନ ଥିବା ସତ୍ତ୍ୱେ ଏବାବଦ ବିଲ୍ ପାଇଁ ଶିକ୍ଷକମାନଙ୍କ ଦସ୍ତଖତ ସଂଗ୍ରହ କରାଯାଉଛି। ଏଭଳି ଅଭିଯୋଗ ଆସିବା ପରେ ପ୍ରକୃତ ତଥ୍ୟ ସଂଗ୍ରହ କରି ବିଭାଗ ଠିକ ତଥ୍ୟ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣକୁ ପଠାଇଛି। ତଥାପି ଜିଲାସ୍ତରୀୟ ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ସମ୍ପୃକ୍ତ ସେଚ୍ଛାସେବୀ ଅନୁଷ୍ଠାନର ଦୁଇଜଣ କର୍ମଚାରୀ ବିଦ୍ୟାଳୟକୁ ବିଦ୍ୟାଳୟ ଘୂରି ବୁଲି ବିଦ୍ୟାଳୟ କର୍ତ୍ତୃପକ୍ଷମାନଙ୍କ ସହିତ କଥା ହୋଇ କାଗଜପତ୍ରରେ ସବୁକିଛି ଠିକ ଦେଖାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ପ୍ରକୃତରେ ଛାତ୍ରୀମାନେ କୌଣସି ପ୍ରଶିକ୍ଷଣ ପାଇ ନ ଥିବାବେଳେ ରେକର୍ଡ ପତ୍ରରେ ସବୁକିଛି ସମ୍ପନ୍ନ କରିବାକୁ ମସୁଧା ଜାରି ରହିଛି। ଶିକ୍ଷାବର୍ଷ ହେଲା ଅଥଚ ଏହି ପ୍ରଶିକ୍ଷଣ ଆରମ୍ଭ ହେବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମୟ ମିଳିଲା ନାହିଁ। ଏହା ଯୋଜନାର ଦୃଢ଼ତା ଓ ନିଷ୍ଠା ଉପରେ ପ୍ରଶ୍ନ ଉଠାଇଛି। କେତେ ଜଣ ଅଧିକାରୀ ଓ ଏଥିରେ ଜଡିତ ବ୍ୟକ୍ତି ବିଶେଷମାନେ ଏପରି ଯୋଜନାକୁ କେବଳ ଅର୍ଥ ହସ୍ତାନ୍ତରର ମାଧ୍ୟମ ଭାବେ ବ୍ୟବହାର କରଥିବା ଅଭିଯୋଗ ହେଉଛି।

ଯେଉଁଠାରେ ପ୍ରଶିକ୍ଷଣ ହୋଇନାହିଁ, ସେଠାରେ ବିଲ୍ ଅଟକାଇ ଦେବାସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ମତ ପ୍ରକାଶ ପାଉଛି। ଏନେଇ ସମଗ୍ର ଶିକ୍ଷା ବିଭାଗର ବାଳିକା ସଂଯୋଜିକା ମମତା ପରିଛାଙ୍କୁ ପଚାରିବାରୁ ସେ କହିଛନ୍ତି, ୨୦୨ ବିଦ୍ୟାଳୟରୁ ମାତ୍ର ୪ଟି ବିଦ୍ୟାଳୟରେ ପ୍ରଶିକ୍ଷଣ ଶେଷ ହୋଇଛି। ୭୧ ବିଦ୍ୟାଳୟରେ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ଗୋଟିଏ ବିଦ୍ୟାଳୟରେ ପ୍ରଶିକ୍ଷଣ ପାଇଁ ୩୦ଟି କ୍ଲାସ ହେବ। ୧୫ ହଜାର ଟଙ୍କା ସଂସ୍ଥା ପାଇବାକୁ ଥିଲା । କିନ୍ତୁ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପୂର୍ଣ ହୋଇ ନ ଥିବାରୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣକୁ ଏହାର ଏକ ରିପୋର୍ଟ ମାର୍ଚ୍ଚ ୩୧ ତାରିଖରେ ପଠାଯାଇଛି ବୋଲି ସେ କହିଛନ୍ତି। ସ୍କିଲ ଟ୍ରିର ଜଣେ କର୍ମଚାରୀ ସୋନାଲି ପ୍ରଧାନଙ୍କୁ ତାଙ୍କ ମୋବାଇଲ ନମ୍ବର ଯୋଗାଯୋଗ କରି ପଚାରିବାରୁ ସେ କହିଲେ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମସ୍ତ ବିଦ୍ୟାଳୟରେ ଚାଲିଛି। ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ମୁଁ ନବରଙ୍ଗପୁର ଜିଲା କଥା ବୁଝୁଥିଲି। ଏବେ ଚନ୍ଦ୍ରକାନ୍ତି ଓ ଦେବାଶିଷ ବୁଝୁଛନ୍ତି । କେଉଁ ବିଦ୍ୟାଳୟରେ ପ୍ରଶିକ୍ଷଣ ଚାଲିଛି ତାହାର ତାଲିକା ସୋମବାର ପ୍ରଦାନ କରିବି ବୋଲି ସେ କହିଛନ୍ତି ।

# ଅନୁସୂଚିତ ଜନଜାତି, ଅନୁସୂଚିତ ଜାତିର ଛାତ୍ରୀଛାତ୍ର ପାଇବେ ଅଧିକ ସଂରକ୍ଷଣ



ଉମରକୋଟ ଜନଜାତି ମହାସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍ୱାଗତ କରାଯାଉଛି ।

- ଉଚ୍ଚଶିକ୍ଷାରେ ବଦଳିଛି ସ୍ଥାନ ସଂରକ୍ଷଣ ନିୟମ
- ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ କୃତଜ୍ଞତା ଜଣାଇଲା ଉମରକୋଟ ଜନଜାତି ମହାସଂଘ

ଉମରକୋଟ, ୫।୪ (ସନ୍ତୋଷ ଶତପଥୀ)

ରାଜ୍ୟର ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଗତ ଏପ୍ରିଲ ୪ରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମେଡିକାଲ, ଇଞ୍ଜିନିୟରିଂ ଏବଂ ବୈଷୟିକ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୀମା ବୃଦ୍ଧି କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରି ନବରଙ୍ଗପୁର ଜିଲା ଉମରକୋଟଠାରେ ଜନଜାତି ମହାସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ଭୁବନେଶ୍ୱରରୁ ଫେରିବା ସମୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରି କୃତଜ୍ଞତା ଜଣାଇଛି ଉମରକୋଟ ଜନଜାତି ମହାସଂଘ। ଏକ ରାଲି ମାଧ୍ୟମରେ ମନ୍ତ୍ରୀ ଗଣ୍ଡ ସାଂସ୍କୃତିକ ଭବନ ଯାଏ ଯାଇଥିଲେ। ସେଠାରେ ଅନୁଷ୍ଠିତ ସଭାରେ ମେଡିକାଲ, ଇଞ୍ଜିନିୟରିଂ ଏବଂ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏବେ ଏହି ବର୍ଗର ପିଲାଙ୍କୁ ବର୍ଦ୍ଧିତ ସଂରକ୍ଷଣ ମିଳିବ ବୋଲି ମନ୍ତ୍ରୀ କହିଥିଲେ। ପୂର୍ବରୁ ଉଚ୍ଚଶିକ୍ଷାରେ ଥିବା ସଂରକ୍ଷଣ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଯାଇ ଏହାକୁ ବୃଦ୍ଧି କରାଯାଇଛି। ଅନୁସୂଚିତ ଜନଜାତି ପୂର୍ବରୁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ମାତ୍ର ୧୨ ପ୍ରତିଶତ ଥିବା ବେଳେ ଏହାକୁ ଏବେ ୨୨.୫ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଅନୁସୂଚିତ ଜାତି ବର୍ଗ ପାଇଁ ଥିବା ସଂରକ୍ଷଣ ୮ ପ୍ରତିଶତକୁ ବୃଦ୍ଧି କରାଯାଇ ୧୬.୨୫ ପ୍ରତିଶତ କରାଯାଇଛି। ପଛୁଆ ବର୍ଗ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଗଣଶିକ୍ଷା ମନ୍ତ୍ରୀ ଗଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଏହା ସରକାରଙ୍କ ଏକ ପ୍ରତିବଦ୍ଧତା ଥିଲା ବୋଲି ପ୍ରକାଶ କରିଛନ୍ତି। ବହୁ ଦିନର ଏହି ଦାବି ପୂରଣ ହୋଇଥିବାରୁ ଏବେ ରାଜ୍ୟର ଏହି ବର୍ଗର ହଜାର ହଜାର ପ୍ରତିଭାବାନ ଛାତ୍ରୀଛାତ୍ର ଉପକୃତ ହେବେ। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ବାସନ୍ତୀ ମାଝୀ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ ରାଜମନ ଭତ୍ରା, ଲଛମନ ମାଝୀ, ଧନୁ ଭତ୍ରା,ପୁଣିତରାମ ଗଣ୍ଡ,ଦଶରଥ ଗଣ୍ଡ, ଭଜନାଥ ଗଣ୍ଡ, ନୀଳାମ୍ବର ପନକା, ପୂର୍ଣ୍ଣଚନ୍ଦ୍ର ସାନ୍ତା, ଚନ୍ଦ୍ର ପୂଜାରୀ,ମନ୍ଦିରା ନାୟକଙ୍କ ସହ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଅନ୍ନପୂର୍ଣ୍ଣା ପାତ୍ର ନବରଙ୍ଗପୁର ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ

## ଗଠିତ କମିଟିରେ ଅଧ୍ୟକ୍ଷ ଏବଂ ନିଯୁକ୍ତି ପାଇଲେ ୪ ସଦସ୍ୟ

ନବରଙ୍ଗପୁର,୫।୪(ସଦାଶିବ ପ୍ରହରାଜ)

ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲା ଶିଶୁ ମଙ୍ଗଳ କମିଟି ଆଗାମୀ ତିନି ବର୍ଷ ପାଇଁ ଗଠିତ ହୋଇଛି। ଏନେଇ ଶନିବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କମିଟିରେ ଜଣେ ଅଧ୍ୟକ୍ଷା ଓ ୪ ଜଣ ସଦସ୍ୟ ପଦବୀରେ ନିଯୁକ୍ତି ପାଇଛନ୍ତି। ଅଧ୍ୟକ୍ଷା ରୂପେ ଅନ୍ନପୂର୍ଣ୍ଣା ପାତ୍ର, ସଦସ୍ୟ ଭାବେ ଅନୁପମା ମଲ୍ଲିକ, ସାନୁଜ କୁମାର ପାତ୍ର, ସିଦ୍ଧାର୍ଥ ଶଙ୍କର ବେହେରା ଓ ସ୍ନେହଲତା ପଟ୍ଟନାୟକଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ପୂର୍ବ କମିଟି ଅଧ୍ୟକ୍ଷ ଓ ସଦସ୍ୟଙ୍କ କାର୍ଯ୍ୟ କାଳ ଶେଷ ହେବା ପରେ ଏହି ନିଯୁକ୍ତି ପ୍ରଦାନ କରାଯାଇଛି । କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ ଅଧୀନରେ ଗଠିତ ଏହି ସ୍ୱୟଂଶାସିତ ସଂସ୍ଥା, ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ଉଦ୍ଧାର, ଥଇଥାନ, ସୁରକ୍ଷା ଏବଂ ସେମାନଙ୍କ ସର୍ବୋତ୍ତମ ସ୍ୱାର୍ଥ ପାଇଁ କାର୍ଯ୍ୟ କରେ। ପୋଲିସ, ଚାଇଲ୍ଡ ଲାଇନ, କିମ୍ବା ସମାଜସେବୀଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ଗ୍ରହଣ କରିବା ଏବଂ ସେମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା, ୨୪ ଘଣ୍ଟା ମଧ୍ୟରେ ଉଦ୍ଧାର ହୋଇଥିବା ଶିଶୁଙ୍କୁ ପରିବାରକୁ ଫେରାଇବା କିମ୍ବା ଉପଯୁକ୍ତ ସଂସ୍ଥାରେ ରଖିବା ନିଷ୍ପତ୍ତି ଏହି କମିଟି ନେଇଥାଏ। ଶିଶୁଙ୍କୁ ସେମାନଙ୍କ ଅଧିକାର ବିଷୟରେ ଅବଗତ କରାଇବା, ସେମାନଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରିବା ଏହି ସଂସ୍ଥାର ପ୍ରମୁଖ କାର୍ଯ୍ୟ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼

ଡାବୁଗାଁ, ୫।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଓଡିଆ ପକ୍ଷ ପାଳନ ଅବସରେ ଏକ ଗଣଦୌଡ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ବିଦ୍ୟାଳୟରେ ପହଞ୍ଚିଥିଲେ। ଏଥିରେ ଓଡିଆ ଭାଷାକୁ ବଞ୍ଚାଇବା, ଆମ ଭାଷାକୁ ନେଇ ଗର୍ବ କରିବା, ଆମ ସଂସ୍କୃତିକୁ ଉନ୍ନତି କରିବା, ଓଡିଆରେ ନାମ ଫଳକ ଲେଖିବା ଭଳି ବିଭିନ୍ନ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଖେଳ ଶିକ୍ଷକ ହେମନ୍ତ ସାମଲ, ସୁରେଶ ବାରିକ, ଅମୂଲ୍ୟ ଦଳାଇ ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।



ଡାବୁଗାଁ ବ୍ଲକ ସଦର ମହକୁମାରେ ଗଣଦୌଡ଼ କରାଯାଉଛି ।

# ବେଆଇନ ଭାବେ ଗଚ୍ଛିତ ବାଣ ଜବତ

ଉମରକୋଟ, ୫।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଡିଏନକେ ଓ ଯୁଭି–୩ ଡଙ୍ଗରିଗୁଡା ଏହି ଦୁଇଟି ସ୍ଥାନରେ ବ୍ୟବସାୟୀମାନେ ବେଆଇନ ଭାବେ ବାଣ ଗଛିତ ରଖିଥିବା ଖବର ପାଇ ଉମରକୋଟ ପୋଲିସ ଚଢ଼ାଉ କରିଛି। ଅଭିଯୁକ୍ତ ବିଜନ ମଲ୍ଲିକ ଓ ପ୍ରତାପ ଚନ୍ଦ୍ର ଶାହାଙ୍କ ଘରୁ ବିପୁଳ ପରିମାଣର ବାଣ ଜବତ ହୋଇଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସମ୍ପୃକ୍ତ ଦୁଇ ବ୍ୟବସାୟୀଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଉଭୟଙ୍କ ନାମରେ ପୋଲିସ ଅଲଗା ଅଲଗା ମାମଲା ରୁଜୁକରି ଆଇବିଏନ୍ ୩୭ରେ ସେମାନଙ୍କୁ ନୋଟିସ ଦେଇ ଛାଡ଼ି ଦେଇଛି। ତେବେ ଏସ୍‌ଆଇ ଅକ୍ଷୟ ମିଶ୍ର ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା ଥାନା ଅଧିକାରୀ ବିପିନ କୁମାର ବଗ କହିଛନ୍ତି। ଚଢ଼ାଉରେ ଉମରକୋଟ ଥାନା ଅଧିକାରୀଙ୍କ ସହ କର୍ମଚାରୀମାନେ ସାମିଲ ଥିଲେ।

# ଅଲଟ୍ରା ସାଉଣ୍ଡ ମେଶିନ ଅଚଳ, ଗର୍ଭବତୀ ହନ୍ତସନ୍ତ

ଉମରକୋଟ,୫।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲାର ଦ୍ୱିତୀୟ ବୃହତ୍ତମ ଚିକିତ୍ସାଳୟ ହେଉଛି ଉମରକୋଟ। ଏହି ଚିକିତ୍ସାଳୟକୁ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ମିଳିଛି ସତ, ହେଲେ ରୋଗୀମାନେ ଏଠାରୁ ଯେପରି ସ୍ୱାସ୍ଥ୍ୟସେବା ପାଇବା କଥା ତାହା ପାଉ ନ ଥିବା ଅଭିଯୋଗ ହେଉଛି। ଗର୍ଭବତୀ ମହିଳାଙ୍କ ପାଇଁ ଉପଲବ୍ଧ ଅଲଟ୍ରା ସାଉଣ୍ଡ ମେଶିନ ଆଜିକୁ ୧୦/୧୨ ଦିନ ହେଲା ଅଚଳ ହୋଇ ପଡିଥିଲେ ମଧ୍ୟ ଏହାକୁ ସଜାଡିବା ଲାଗି ଚିକିତ୍ସାଳୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଗର୍ଭବତୀ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪ଟି ବ୍ଲକ ଉମରକୋଟ ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ବ୍ଲକ ଓ ଉମରକୋଟ ପୌରାଞ୍ଚଳରୁ ବିଭିନ୍ନ ସମୟରେ ଗର୍ଭବତୀ ମହିଳାମାନେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆସିଥାନ୍ତି। ମାତ୍ର ଅଲଟ୍ରା ସାଉଣ୍ଡ ମେଶିନ ଖରାପ ହେତୁ ଗର୍ଭବତୀମାନେ ସମସ୍ୟାରେ ପଡୁଛନ୍ତି। ସେମାନେ ବାହାରେ ଅଲଟ୍ରାସାଉଣ୍ଡ କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏ ସମ୍ପର୍କରେ ଉମରକୋଟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଲେ, ଏନେଇ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସେ ଅବଗତ କରାଇଛନ୍ତି। ମେଶିନର କୌଣସି ଏକ ଯନ୍ତ୍ରାଂଶ ପୋଡି ଯାଇଛି, ଏହାକୁ ଭୁବନେଶ୍ୱରରୁ ମେକାନିକ ଆସି ମରାମତି କରିବେ ବୋଲି ଡାକ୍ତର ସେଠୀ ପ୍ରକାଶ କରିଛନ୍ତି।

# ୨୨ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମି ଜବରଦଖଲ ମୁକ୍ତ

## ମୋଟୁ ବାରିବାଞ୍ଚାରେ ଜବରଦଖଲ ଉଚ୍ଛେଦ ଅଭିଯାନ

ମାଲକାନଗିରି,୫।୪(ସୁଚିତ୍ରା ଦାସ)



ପ୍ରଶାସନ ପକ୍ଷରୁ ଜବରଦଖଲ ଘର ଭଙ୍ଗାଯାଉଛି ।

ମାଲକାନଗିରି ଜିଲାର ମୋଟୁ ତହସିଲ ଅଧୀନ ବାରିବାଞ୍ଚା ତଥା ଇସମାଇଲ ନଗର ଅଞ୍ଚଳରେ ଜିଲା ପ୍ରଶାସନ ପକ୍ଷରୁ ଜବରଦଖଲ ରବିବାର ଉଚ୍ଛେଦ ଅଭିଯାନ କରାଯାଇଛି। ଏଥିରେ ପ୍ରାୟ ୨୨ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମିକୁ ଜବରଦଖଲମୁକ୍ତ କରାଯାଇ ପ୍ରଶାସନ ନିଜ ଅଧୀନକୁ ନେଇଛି। ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଓ ଏସ୍‌ପି ବିନୋଦ ପାଟିଲ ଏଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟାନୁଷ୍ଠାନ ଚାଲିଥିଲା। ଏଥିରେ ନିୟୋଜିତ ୪ ଜେସିବି, ଏକ ୨୧୦ ଏକ୍ସାଭେଟର, ହାଇଡ୍ରା ମେସିନ ମାଧ୍ୟମରେ ବେଆଇନ ନିର୍ମିତ ଏକ ୩ ମହଲା ବିଶିଷ୍ଟ ଘର, ଆୟୁର୍ବେଦିକ କ୍ଲିନିକ, ଗୋଦାମ ଗୃହ ଓ ୨ ଷ୍ଟୋର ରୁମ୍‌କୁ ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଦୂର୍ଯ୍ୟୋଧନ ଭୋଇଙ୍କ ଉପସ୍ଥିତିରେ ଭଙ୍ଗାଯାଇଛି। ଏଥିସହ ୧୧ ପୋଖରୀକୁ ପ୍ରଶାସନ ନିୟନ୍ତ୍ରଣକୁ ନେଇଛି। ଏହି ଜମିକୁ ଜବରଦଖଲ କରିଥିବା ୩ ଭାଇ ମହମ୍ମଦ ମାସୁମ ଖାନ, ମହମ୍ମଦ ହସନ ଖାନ ଓ ମହମ୍ମଦ ଜମାଲ ଖାନଙ୍କ ବିରୋଧରେ ପ୍ରଶାସନ ପଦକ୍ଷେପ ନେଇ ଜବରଦଖଲ ସମ୍ପତ୍ତିକୁ ଜବତ କରିଛି। ଏହି ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ୩ ପିଟିସନ ଡବ୍ଲୁପିସି ୧୪୮୬୭/୨୦୨୨, ୧୪୮୬୮/୨୦୨୨, ୧୪୮୭୦/୨୦୨୨କୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ସରକାରୀ କିମ୍ବା ଜଙ୍ଗଲ ଜମି ଉପରେ ଦୀର୍ଘଦିନ ଧରି ଦଖଲ ରଖିବା ମାତ୍ରେ ମାଲିକାନା ଅଧିକାର ସ୍ଥାପିତ ହେବ ନାହିଁ ବୋଲି ବିଚାରପତି ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ରାୟରେ କହିଛନ୍ତି। ସୂଚନାଯୋଗ୍ୟ, ଆବେଦନକାରୀମାନେ ଜୟପୁର ସଂସ୍ଥାନ ରାଜା ବିକ୍ରମଦେବଙ୍କ ପ୍ରଦତ୍ତ ୧୯୨୦ର ତାମ୍ରଫଳକ ସମ୍ବନ୍ଧୀୟ ଦାବି କରିଥିଲେ ସୁଦ୍ଧା ଏଥିପାଇଁ କୋର୍ଟରେ କୌଣସି ପ୍ରମାଣ ପ୍ରଦାନ କରିପାରି ନ ଥିଲେ। ସେମାନେ ଭୂମିହୀନ ନୁହନ୍ତି ବୋଲି ଯାଞ୍ଚରେ ପ୍ରକାଶ ପାଇଥିଲା। ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଅନ୍ୟ ପାରମ୍ପରିକ ବନବାସୀ ପାଇଁ ଆବଶ୍ୟକ ୩ ପୀଢ଼ିର ପ୍ରମାଣ ଦେବାରେ ମଧ୍ୟ ବିଫଳ ହୋଇଥିଲେ। ହାଇକୋର୍ଟ ଏହି ଜମିକୁ ଗ୍ରାମ୍ୟ ଜଙ୍ଗଲ ଶ୍ରେଣୀରେ ଥିବା ବୋଲି ସ୍ପଷ୍ଟ କରି କାହାକୁ ଏହା ଲିଜ ଦିଆଯିବ ନାହିଁ ବୋଲି କହିଥିଲେ। ଅଭିଯାନରେ ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ପୋଲିସ ଏସଡିପିଓ ଦିବ୍ୟଜ୍ୟୋତି ଦଳେଇ, ମୋଟୁ ତହସିଲଦାର ଅର୍ଜୁନ ପ୍ରଧାନ, ମାଜିଷ୍ଟ୍ରେଟ ଡେପୁଟି କଲେକ୍ଟର ଲିପିନା ଦାସ, ସହାୟକ ଜିଲାପାଳ ଅଜୟ ମାଣ୍ଡାଙ୍ଗୀ, କାଲିମେଳା ତହସିଲଦାର ସତ୍ୟନାରାୟଣ ରାଜଗୁରୁ ଉପସ୍ଥିତ ଥିଲେ।

# ସମାଧାନ ହେଲା ସତୀଗୁଡ଼ାର ପାନୀୟ ଜଳ ସମସ୍ୟା

ମାଲକାନଗିରି,୫।୪
(ସୁଚିତ୍ରା ଦାସ/ଦୁର୍ଯ୍ୟୋଧନ ପାତ୍ର)



ପ୍ରଶାସନ ପକ୍ଷରୁ ସ୍ଥାପନ ହୋଇଥିବା ଷ୍ଟାଣ୍ଡ ପୋଷ୍ଟ।

ମାଲକାନଗିରି ଜିଲା ସତୀଗୁଡ଼ା ଅଞ୍ଚଳର ପାନୀୟ ଜଳ ସମସ୍ୟାକୁ ଗୁରୁତ୍ୱ ଭାବେ ନେଇ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ତୁରନ୍ତ ଏହାର ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯାଇଛି। ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିବା ପାଇଁ ୧୦ ଷ୍ଟାଣ୍ଡ ପୋଷ୍ଟ ସ୍ଥାପନ କରାଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ଜନକ ବଳବନ୍ତ ରାୟଙ୍କ ସୂଚନାନୁଯାୟୀ, ୫ ଷ୍ଟାଣ୍ଡ ପୋଷ୍ଟରେ ସଫଳତାର ସହ ପାଣି ଛଡ଼ାଯାଇଛି। ସୋମବାର ସୁଦ୍ଧା ୧୦ ପୋଷ୍ଟରେ ପାଣି ପହଞ୍ଚିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ପିଏଚଡି କନିଷ୍ଠ ଯନ୍ତ୍ରୀ ରାମ ପ୍ରଧାନ ଓ ଏଇଇ ରୋମାନ କିଷାନ ଉପସ୍ଥିତ ରହି କାର୍ଯ୍ୟ କରିଥିଲେ। ପ୍ରଶାସନର ଏଭଳି ଦ୍ରୁତ ଓ ସକାରାତ୍ମକ କାର୍ଯ୍ୟଶୈଳୀ ପାଇଁ ସତୀଗୁଡ଼ାବାସୀ ଜିଲାପାଳ ଓ ବିଭାଗର ସମସ୍ତ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପିକ୍‌ଅପକୁ ଧକ୍କା ଦେଲା ବାଇକ୍, ଜଣେ ମୃତ

ନବରଙ୍ଗପୁର,୫।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହର ଚାଉଁରିଆଗୁଡା ନିକଟ ଗ୍ଲେଜ ହୋଟେଲ ସାମନାରେ ପିକ୍‌ଅପକୁ ବାଇକ୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ସହର ଖ୍ରୀଷ୍ଟିଆନ ସାହିର ମୃତ୍ୟୁଞ୍ଜୟ ହାଲବା। ତୋଟାସାହିର ପ୍ରଭାତ ବେନିଆ ଗୁରୁତର ରହିଛନ୍ତି। ମୃତ୍ୟୁଞ୍ଜୟ ଓ ପ୍ରଭାତ ବାଇକ୍ ଯୋଗେ ଜୟପୁରରୁ ନବରଙ୍ଗପୁରକୁ ଫେରୁଥିଲେ। ଗ୍ଲେଜ ହୋଟେଲ ସାମନାରେ ବାଇକ ଭାରସାମ୍ୟ ହରାଇ ପିକଅପର ପଛପଟକୁ ନେଇ ଧକ୍କା ଦେଇଥିଲା। ବାଇକ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଘଟଣାସ୍ଥଳରେ ମୃତ୍ୟୁଞ୍ଜୟଙ୍କ ମୃତ୍ୟ ହୋଇଥିଲା। ନବରଙ୍ଗପୁର ପୋଲିସ ପହଞ୍ଚି ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

# ମାନସିକ କଲେ ମନସ୍କାମନା ପୂରଣ ହେବା ବିଶ୍ୱାସ

## ବାଲିମେଳାରେ ମା' ଗ୍ରାମଦେବୀଙ୍କ ଠାକୁରାଣୀ ଯାତ୍ରା

କୋରୁକୋଣ୍ଡା,୫।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରରେ ପ୍ରତି ୨ବର୍ଷ ବ୍ୟବଧାନରେ ଦୀର୍ଘ ବର୍ଷ ହେବ ସର୍ବଗ୍ରାମଦେବୀଙ୍କ ମହାମିଳନ ଓ ବଡ଼ଯାତ୍ରା ପାଳିତ ହେଉଛି। ପରମ୍ପରା ଅନୁଯାୟୀ ଚଳିତ ବାଲିମେଳା ଏନ୍‌ଏସିର ନଗରପାଳ ତଥା ଠାକୁରାଣୀ ଯାତ୍ରା କମିଟି ସଭାପତି ପ୍ରଦୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଶୁକ୍ରବାରଠାରୁ ୭ ତାରିଖ ଯାଏ ପାଳନ କରାଯାଉଛି। ବଡଯାତ୍ରାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଛି। ଶୁକ୍ରବାର ସହରର ଦୁର୍ଗା ମନ୍ଦିରରେ ଗ୍ରାମଦେବୀଙ୍କୁ ରୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଭକ୍ତ ଦର୍ଶନ କରିଥିଲେ। ଶନିବାର ଦୁର୍ଗା ମନ୍ଦିରରୁ ଏକ ପାଟ ପଟୁଆରରେ ଆସି ବାଲିମେଳା ସହରର ପ୍ରଭାକର ଛକ ନିକଟ ମାଣ୍ଡିଆଭଟାରେ ପହଞ୍ଚିଥିଲେ। ରବିବାର ଦିନତମାମ ସର୍ବଦେବୀଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମଦେବୀ ମାଣ୍ଡିଆଭଟାରୁ ସ୍ୱତନ୍ତ୍ର ପାଲିଙ୍କି ଯୋଗେ ଶୋଭାଯାତ୍ରାରେ ବାହାରି ଓସିସି, ଡ୍ରଗଲାଇନ, ଦୈନିକ ବଜାର, ଆମ୍ବେଡକର ଛକ ଓ ଅଫିସର କଲୋନି ଦେଇ ଠାକୁରାଣୀ ଯାତ୍ରା ପଡ଼ିଆସ୍ଥିତ ମନ୍ଦିରରେ ପହଞ୍ଚିଥିଲେ। ଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଗ୍ରାମାଦେବୀଙ୍କ ଲାଠି ଓ ଭକ୍ତମାନେ ସାମିଲ ହୋଇଥିଲେ। ଲୋକବାଦ୍ୟ, ଲୋକ ନୃତ୍ୟ, କଳାହାଣ୍ଡିର କଟାପା, କୋଟପାଡ଼ର ଅଘୋରି, ନବରଙ୍ଗପୁରର ଆଇପିଏଲ ବ୍ୟାଣ୍ଡ, ମାଲକାନଗିରିର ଦାଣ୍ଡିଆ ନୃତ୍ୟ, ଆତସବାଦୀ ଓ ବାଜା ବାଣରେ ବାଲିମେଳା ସହର ପ୍ରକମ୍ପିତ ହୋଇଥିଲା। ଯାତ୍ରାରେ ମାନସିକ କଲେ ମା' ମନସ୍କାମନା ପୂରଣ କରନ୍ତି ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଠାକୁରାଣୀ ପଡିଆରେ ମିନା ବଜାର ସହ ଶତାଧିକ ବିଭିନ୍ନ ପ୍ରକାର ଅସ୍ଥାୟୀ ଦୋକାନ ଖୋଲାଯାଇଛି। ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଭକ୍ତଙ୍କୁ ସମସ୍ୟା ନ ହେବା ପ୍ରତି ଦୃଷ୍ଟି ଦେଇ ଯାତ୍ରା କମିଟି ଉପସଭାପତି ଗୌରଚନ୍ଦ୍ର ଖିଲ, ଗଜେନ୍ଦ୍ର ମହାନ୍ତି, ଅରୁଣ କୁମାର ପାତ୍ର, କାଉନସିଲର ମନୋଜ ଦେବ ପାଙ୍ଗୀ, ଦେବେନ୍ଦ୍ର ଦାସ ଓ ଶିବଦତ୍ତ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି।



ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

# ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ, ସଚେତନତା ଜାଗ୍ରତ କରିବା ଲକ୍ଷ୍ୟ

## ଜିଲା ପ୍ରଶାସନ ପକ୍ଷରୁ ଗଣଦୌଡ଼

ମାଲକାନଗିରି,୫।୪
(ସୁଚିତ୍ରା ଦାସ/ଦୁର୍ଯ୍ୟୋଧନ ପାତ୍ର)



ଗଣଦୌଡ଼ରେ ସାମିଲ ହୋଇଥିବା ଅଧିକାରୀ, ବିଏସ୍‌ଏଫ୍ ଯବାନ ଓ ଛାତ୍ରୀଛାତ୍ର।

ମାଲକାଗିରି ଜିଲା ପ୍ରଶାସନ ଓ ଜିଲା କ୍ରୀଡ଼ା ବିଭାଗର ମିଳିତ ଆନୁକୁଲ୍ୟରେ ଓଡ଼ିଆ ପକ୍ଷ ପାଳନର ୫ମ ଦିନରେ ସ୍ଥାନୀୟ ଡିଏନ୍‌କେ ଖେଳ ପଡ଼ିଆରୁ ସ୍ପୋର୍ଟସ କମ୍ପ୍ଲେକ୍ସ ଯାଏ ଏକ ଐତିହ୍ୟ ଗଣଦୌଡ଼ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଐତିହ୍ୟ ଦୌଡ଼ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଆମର ସମୃଦ୍ଧ ଅତୀତ ସହ ଯୋଡ଼ି ହେବାର ଏକ ମାଧ୍ୟମ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ବିଶ୍ୱବିଦିତ। ଏହି ଗୌରବମୟ ଇତିହାସକୁ ମନେ ପକାଇବା ସହ ଆମର ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଏହି ଦୌଡ଼ ମାଧ୍ୟମରେ ଆମେ ବୀର ଯୋଦ୍ଧା ଓ ପୂର୍ବପୁରୁଷଙ୍କ ପ୍ରତି ସମ୍ମାନ ଜଣାଉଛୁ, ଏହା ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଓ ସଚେତନତା ଜାଗ୍ରତ କରିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥାର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲା କ୍ରୀଡ଼ା ଅଧିକାରୀ ମୁନା ଡୁରୁକ, ଜିଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଓ ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ସୀମା ସୁରକ୍ଷା ବଳର ବରିଷ୍ଠ ଅଧିକାରୀ ଓ ଯବାନମାନେ ଏହି ଦୌଡ଼ରେ ସାମିଲ ହୋଇଥିଲେ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଶାର ଐତିହ୍ୟ ପ୍ରତି ଆଗ୍ରହ ବଢ଼ିବା ସହ ଶୃଙ୍ଖଳିତ ଜୀବନଶୈଳୀ ଗଠନରେ ଏହା ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଡୁରୁକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ସ୍କୁଲ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

